# NATIONAL NEWS BULLETIN (ODIA)

**23 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୧୯ତମ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

- ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଆଜି ସାକ୍ଷାତ ଆଲୋଚନା କରିବେ ଭାରତ ଗସ୍ତରେ ଆସିଥିବା ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ

- ପେଟ୍ରୋଲ୍ ଓ ଡିଜେଲ ଦର ପୁଣି ଥରେ ବୃଦ୍ଧି

- ଚୀନର କୋଇଲାଖଣିରେ ବିସ୍ଫୋରଣ ଯୋଗୁଁ ମୃତ୍ୟୁସଂଖ୍ୟା ୮୨କୁ ବୃଦ୍ଧି

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ପଞ୍ଜାବ କିଙ୍ଗ୍‌ସ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ମଧ୍ୟରେ ମ୍ୟାଚ୍

---

## ପିଏମ୍-ରୋଜଗାର ମେଳା

ନାଗରିକମାନଙ୍କ ଜୀବନଧାରଣର ସହଜତା ତଥା ବିକାଶ ଦିଗରେ ସରକାରୀ ନିଯୁକ୍ତି ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ଆଭାସୀ ଜରିଆରେ ୧୯ତମ ରୋଜଗାର ମେଳାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ତା'ର

କର୍ମଯୋଗୀଙ୍କ ଉପରେ ଭରସା କରୁଛି । ତେଣୁ ଏହା ସେମାନଙ୍କର ଦାୟିତ୍ୱ ସେମାନେ ଉତ୍ସର୍ଗୀକୃତ ଭାବରେ ନିଜର କାର୍ଯ୍ୟ କରିବେ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ' ଭାରତର ବିକାଶ ଯାତ୍ରାରେ ସହଭାଗୀ ହେବା ଲାଗି ପ୍ରସ୍ତୁତ ରହିଛି । ବିଶ୍ୱର ଅନେକ ଗୁଡ଼ିଏ ଦେଶ ସହ ଭାରତ ସହଯୋଗ ଭିତ୍ତିରେ ସୁଯୋଗ ସୃଷ୍ଟି କରିବା, କର୍ମନିୟୋଜନ ପ୍ରଦାନ କରିବା ଏବଂ ଦେଶର ଯୁବପିଢ଼ିଙ୍କୁ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ଦେବା ଲାଗି କାର୍ଯ୍ୟ କରୁଛି । ସେ କହିଛନ୍ତି, ଭାରତ ଏବେ ବିଶ୍ୱର ଏକ ଭରସାଯୋଗ୍ୟ ଯୋଗାଣ ଶୃଙ୍ଖଳ ସହଯୋଗୀ ପାଲଟିଛି ।

**V/O (PM Modi-Global Exploser)**

ଶ୍ରୀ ମୋଦୀ କହିଛନ୍ତି, ଭାରତୀୟମାନେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି କାର୍ଯ୍ୟ କରୁଛନ୍ତି ଏବଂ ଏଥିଲାଗି ବିଭିନ୍ନ କ୍ଷେତ୍ରରେ ଦେଶ ନିବେଶ କରୁଛି ।

**V/O (PM Modi-Vikashita Bharat)**

ପ୍ରଧାନମନ୍ତ୍ରୀ ଦେଶର ଯୁବପିଢ଼ି ପାଇଁ ନୂଆ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଥିବା କହିଛନ୍ତି । ଆଜି ୧୯ତମ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ଚୟନିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି । ଦେଶର ୪୭ଟି ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟ ସମ୍ପାଦନ କରାଯାଇଛି । ନବନିଯୁକ୍ତମାନେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନଗୁଡ଼ିକରେ ନିଯୁକ୍ତି ପାଇଛନ୍ତି । ମୁଖ୍ୟତଃ ରେଳବାଇ, ସ୍ୱରାଷ୍ଟ୍ର, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ଉଚ୍ଚଶିକ୍ଷା ବିଭାଗରେ ନିଯୁକ୍ତି ଦିଆଯାଇଛି ।

---

# ଟିଏନ୍-ଏମ୍ଓଏସ୍ ମୁରୁଗାନ୍

କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗାନ କହିଛନ୍ତି, ସରକାର ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ପ୍ରତିବଦ୍ଧ ଅଟନ୍ତି । ଆଇସିଏଫ୍ ଚେନ୍ନାଇଠାରେ  ରୋଜଗାର ମେଳାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ତ୍ୱରିତ ବେଗରେ ଭିତ୍ତିଭୂମି, ଡିଜିଟାଇଜେସନ୍, ନିଯୁକ୍ତି ସୁଯୋଗ ଓ ବ୍ୟବସାୟ କରିବାର ସହଜତା କ୍ଷେତ୍ରରେ ବିକାଶ ଘଟିଛି । କେନ୍ଦ୍ର ସରକାର ୧୨ ଲକ୍ଷ କର୍ମନିଯୁକ୍ତି ଯୋଗାଇ ଦେଇଥିବା ହକ୍ଟର ମୁର୍ଗାନ କହିଛନ୍ତି । ସେ କହିଛନ୍ତି, ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନର ମନ୍ତ୍ରକୁ ପାଥେୟ କରି ସରକାର ସଫଳତାର ସହ ଅଗ୍ରସର ହେଉଛନ୍ତି ।

---

# ରୁବିଓ-ଇଣ୍ଡିଆ ଭିଜିଟ୍

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ୪ ଦିନିଆ ଭାରତ ଗସ୍ତରେ ଆସିଥିବା ଶ୍ରୀ ରୁବିଓ ଆସନ୍ତା ୨୬ ତାରିଖରେ ନୂଆଦିଲ୍ଲୀରେ କ୍ୱାଡ ବୈଦେଶିକ ମନ୍ତ୍ରୀଙ୍କ ଶିଖର ସମ୍ମିଳନୀରେ ଯୋଗଦେବେ । ଆଜି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେବାତୀର୍ଥରେ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାକାଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍‌ଟର ଏସ୍ ଜୟଶଙ୍କରଙ୍କ ସହ ଶ୍ରୀ ରୁବିଓ ଦ୍ୱିପାକ୍ଷିକ ବୈଠକ କରିବେ ବୋଲି ଜଣାପଡ଼ିଛି । ଶ୍ରୀ ରୁବିଓ ଆଜି ସକାଳେ କୋଲକାତାରେ ପହଞ୍ଚିବା ପରେ ବିମାନ ବନ୍ଦରରେ ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ତାଙ୍କୁ ସ୍ୱାଗତ କରିଥିଲେ ।

ଶ୍ରୀ ରୁବିଓ’ ମଦର ଟେରେସାଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମଦର ହାଉସ୍ ପରିଦର୍ଶନ କରିଥିଲେ ।

ଶ୍ରୀ ରୁବିଓ ଆସନ୍ତାକାଲି ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସରେ ଆୟୋଜିତ ହେବାକୁ ଥିବା ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ଯୋଗଦେବେ ।

ସୋମବାର ଦିନ ଶ୍ରୀ ରୁବିଓ ଆଗ୍ରା ଏବଂ ଜୟପୁର ଗସ୍ତ କରିବା ପରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରି ମଙ୍ଗଳବାର ଦିନ କ୍ୱାଡ ବୈଦେଶିକ ମନ୍ତ୍ରୀମାନଙ୍କ ଶିଖର ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀରେ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନିଓଙ୍ଗ ଓ ଜାପାନର ବୈଦେଶିକ ମନ୍ତ୍ରୀ ତୋଷି ମିତ୍ସୁ ମୋତେଗୀ ମଧ୍ଯ ଭାଗ ନେବେ ।

ଉଭୟ ବୈଦେଶିକ ମନ୍ତ୍ରୀ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଆମନ୍ତ୍ରଣକ୍ରମେ ଏହି ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀରେ ବିଭିନ୍ନ ବିଶ୍ୱସ୍ତରୀୟ ଓ ଆଞ୍ଚଳିକ ପ୍ରସଙ୍ଗ ଉପରେ ଆଲୋଚନା ହେବ । ମିଆଁମିରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ରୁବିଓ କହିଛନ୍ତି, ଭାରତ’ ଆମେରିକାର ଏକ ବୃହତ ସହଯୋଗୀ ଏବଂ ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ଆଗାମୀ ଦିନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବେ ।

---

## ଗଭ୍-ଡିଜେଲ୍

ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଗତ ୧୦ଦିନ ମଧ୍ୟରେ ତୃତୀୟ ଥର ପାଇଁ ବୃଦ୍ଧି କରାଯାଇଛି । ଦର ବୃଦ୍ଧି ପରେ ଦିଲ୍ଲୀରେ ପେଟ୍ରୋଲ୍ ଲିଟର ପିଛା ୯୯ ଟଙ୍କା ୫୧ ପଇସା ହୋଇଥିବା ବେଳେ ଡିଜେଲ ମୂଲ୍ୟ ୯୨ ଟଙ୍କା ୪୯ ପଇସାକୁ ବୃଦ୍ଧି ପାଇଛି । ଚଳିତମାସ ୧୫

ତାରିଖରେ ପେଟ୍ରୋଲ୍ ଓ ଡିଜେଲ୍ ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି ପାଇଥିବା ବେଳେ ଦ୍ୱିତୀୟ ଥର ପାଇଁ ଗତ ୧୯ ତରିଖରେ ଲିଟର ପିଛା ୯୦ ପଇସା ବୃଦ୍ଧି ପାଇଥିଲା । ଅନ୍ୟପକ୍ଷରେ ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ ସିଏନ୍‌ଜି ଦର ୧ଟଙ୍କା ବୃଦ୍ଧି କରିଛି । ଫଳରେ ରାଜଧାନୀ ଦିଲ୍ଲୀରେ ୧ କିଲୋଗ୍ରାମ୍ ସିଏନ୍‌ଜି ମୂଲ୍ୟ ୮୧ ଟଙ୍କା ୯ ପଇସାକୁ ବୃଦ୍ଧି ପାଇଛି ।

ତେବେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଦେଶରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ୍ ଓ ଡିଜେଲ୍ ଉପଲବ୍ଧ ହେଉଛି । ସାରା ଦେଶରେ ପେଟ୍ରୋଲ ଓ ଡିଜେଲ୍ ଯୋଗାଣ ମଧ୍ୟ ସ୍ୱାଭାବିକ ରହିଥିବା ମନ୍ତ୍ରଣାଳୟ କହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ ପକ୍ଷରୁ ନାଗରିକମାନଙ୍କୁ ଭୟଭୀତ ହୋଇ ତୈଳ ନ କିଣିବା ଲାଗି ପରାମର୍ଶ ଦେଇଛି । ମନ୍ତ୍ରଣାଳୟ କହିଛି, ତୈଳ ବିପଣନ କମ୍ପାନୀଗୁଡ଼ିକୁ ପେଟ୍ରୋଲ ପମ୍ପଗୁଡ଼ିକରେ ତୈଳ ଯୋଗାଣ ସୂଚାରୁ ଢଙ୍ଗରେ କରିବା ଲାଗି ପଦକ୍ଷେପ ନେବା ପାଇଁ କୁହାଯାଇଛି ।

---

## ଚୀନ୍-ମାଇନିଂ ଏକ୍ସପ୍ଲୋଜନ୍

ଚୀନ୍‌ର ଉତ୍ତର ସାନ୍‌ସି ଅଞ୍ଚଳରେ କୋଇଲା ଖଣିରେ ବିସ୍ଫୋରଣ ଯୋଗୁଁ ମୃତ୍ୟୁ ସଂଖ୍ୟା ୮୨କୁ ବୃଦ୍ଧି ପାଇଛି । ଗତକାଲି ସକାଳେ ସେଠାକାର ଏକ କୋଇଲା ଖଣିରେ ବିସ୍ଫୋରଣ ଘଟିଥିଲା । ଏବେ ମଧ୍ୟ ସଂପୃକ୍ତ ଖଣିରେ ୯ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି । ଚୀନ୍ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଫଶିରହିଥିବା ଶ୍ରମିକମାନଙ୍କୁ ଉଦ୍ଧାର କରିବା ଏବଂ ଆହତମାନଙ୍କ ଚିକିତ୍ସା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

---

## ଜିବିଏମ୍-ଏପିଓ ମିଟିଂ

ଏସିଆନ୍ ଉତ୍ପାଦକ ସଂଗଠନର ସାଧାରଣ ପରିଷଦ ବୈଠକର ନୂଆଦିଲ୍ଲୀରେ ୩ ଦିନିଆ ୬୮ତମ ଅଧିବେଶନରେ ବାର୍ତ୍ତାଳାପ, ରଣନୈତିକ ଆଲୋଚନା ଓ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୨୦୩୦ ସୁଦ୍ଧା ଆସିଆନ୍ ଉତ୍ପାଦକ ସଂଗଠନ-ଏପିଓର ଲକ୍ଷ୍ୟ ହାସଲ ଦିଗରେ ମିଳିତ ଭାବେ ଉଦ୍ୟମ କରିବା ଲାଗି ମତ ପ୍ରକାଶ ପାଇଥିଲା । ଡିଜିଟାଲ ପରିବର୍ତ୍ତନ, ସମାବେଶୀ ବିକାଶ, ନବସୃଜନ, ଦକ୍ଷତା ନିର୍ମାଣ ଏବଂ ଉତ୍ପାଦନ ଆଧାରିତ ବିକାଶ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଆସନ୍ତା ବୈଠକ ୨୦୨୭ରେ ଲାଓସ୍‌ରେ ଅନୁଷ୍ଠିତ ହେବ ।

---

## ହୁ-ଇବୋଲା

କଙ୍ଗୋ ଗଣରାଜ୍ୟରେ ଇବୋଲା ସଂକ୍ରମଣ ଯୋଗୁଁ ସୃଷ୍ଟି ହୋଇଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦର ସ୍ଥିତିକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-ଡବ୍ଲୁଏଚ୍‌ଓ ଜାତୀୟ ସ୍ତରରେ ଉଚ୍ଚରୁ ଅତିଉଚ୍ଚକୁ ବୃଦ୍ଧି କରିଛି । ଡବ୍ଲୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରସ୍ ଆଦାନମ୍ ଘେବ୍ରିସିଅସ୍ କହିଛନ୍ତି ବିଶ୍ୱସ୍ତରରେ ଇବୋଲା ସଂକ୍ରମଣ ସ୍ତର ନିମ୍ନରେ ଥିଲେ ମଧ୍ୟ ଆଞ୍ଚଳିକ ତଥା ଜାତୀୟ ସ୍ତରରେ ଉଚ୍ଚରେ ରହିଛି । ସେ କହିଛନ୍ତି ବର୍ତ୍ତମାନ ସୁଦ୍ଧା ୮୨ଟି ଇବୋଲା ସଂକ୍ରମଣ ମାମଲା ଚିହ୍ନଟ ହୋଇଥିବା ବେଳେ ୭ ଜଣଙ୍କର ମୃତ୍ୟୁ ହୋଇଛି । ତେବେ ସଂକ୍ରମଣ ହାର ଏହାଠାରୁ ଅଧିକ ରହିଛି । ଆଜି ସୁଦ୍ଧା ୭୫୦ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୧୭୭ ଜଣଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।

ଇତିମଧ୍ୟରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସଂକ୍ରମଣ ଧାରାକୁ ରୋକିବା ଲାଗି ଏକ ନୂଆ ଟିକାର ବିକାଶ କରିଛନ୍ତି । ଆସନ୍ତା ୨ରୁ ୩ ମାସ ମଧ୍ୟରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଟିକା ପ୍ରସ୍ତୁତ ହୋଇଯିବ ବୋଲି ଆଶା କରାଯାଉଛି। ବାଦୁଡ଼ିଠାରୁ ବ୍ୟାପିଥିବା ଇବୋଲା ଭୂତାଣୁ ପଶୁ, ମଣିଷ ଏବଂ ସଂକ୍ରମିତ ପଦାର୍ଥ ସଂସ୍ପର୍ଶରେ ଆସିବା ପରେ ବ୍ୟାପିବାରେ ଲାଗିଛି ।

## ବିହାର-ଟିଚର ରିକ୍ରୁ୍ୟଟ୍‌ମେଣ୍ଟ

ବିହାରରେ ଆସନ୍ତା ୫ବର୍ଷ ମଧ୍ୟରେ ୧ ଲକ୍ଷ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଘୋଷଣା କରିଛନ୍ତି । ଶିକ୍ଷା ବିଭାଗର କାର୍ଯ୍ୟଧାରା ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ୨୦ ହଜାର ଶିକ୍ଷକ ନିଯୁକ୍ତି ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ବର୍ଷ ଜୁଲାଇ ମାସରେ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବ ।

## ୱେଦର

ଭାରତୀୟ ପାଣିପାଗ ବିଭାଗ ପୂର୍ବ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ବିଦର୍ଭ ଅଞ୍ଚଳରେ ଆସନ୍ତା କାଲି ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରିଛି। ଦେଶର ପୂର୍ବାଞ୍ଚଳ ଓ ଉତ୍ତର-ପଶ୍ଚିମାଞ୍ଚଳ ଏବଂ କେନ୍ଦ୍ରୀୟ ଭାରତରେ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ସ୍ଥିତି ଲାଗି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି । ଓଡ଼ିଶା ସମେତ ବିହାର, ଛତିଶଗଡ଼, ଆନ୍ଧ୍ରପ୍ରଦେଶର ତଟବର୍ତ୍ତୀ ଅଞ୍ଚଳ, ଝାଡ଼ଖଣ୍ଡ, ରାଜସ୍ଥାନ,

ତେଲଙ୍ଗାନା, ପଶ୍ଚିମ ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ ଏକ୍‌ନା କ୍ରିକେଟ୍ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ପଞ୍ଜାବ କିଙ୍ଗସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ହାଇଦ୍ରାବାଦରେ ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୫୫ ରନ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୨୫୫ ରନ୍‌ର ବିଶାଳ ସ୍କୋର କରିଥିଲା । ଇଶାନ କିଷାନ ଅପରାଜିତ ଅଣାଅଶୀ ରନ୍ କରିଥିବା ବେଳେ ଅଭିଷେକ ଶର୍ମା ୫୬ ଏବଂ ହେନେରିଚ୍ କ୍ଲାସେନ୍ ୫୧ ରନ୍ କରିଥିଲେ । ଜବାବରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭର୍‌ରେ ୪ ୱିକେଟ୍ ହରାଇ ୨୦୦ ରନ୍ କରିବାକୁ ସକ୍ଷମ ହୋଇଥିଲା । ଇଶାନ କିଷାନଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ତେବେ ବିଜୟ ସତ୍ତ୍ୱେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟେବୁଲ୍ ତାଲିକାରେ ତୃତୀୟ ସ୍ଥାନରେ ରହିଛି । ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ସ୍ଥାନରେ ରହିଛି ।